# କେନ୍ଦୁଝର: ଓଡ଼ିଶା ବିଧାନସଭାର ହାଉସ କମିଟିର କେନ୍ଦୁଝର ଜିଲ୍ଲା ଗସ୍ତ: କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା ବୈଠକ



କେନ୍ଦୁଝର, ତା ୫/୭: ଓଡ଼ିଶା ବିଧାନସଭାର ମାନ୍ୟବର ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ହାଉସ୍ କମିଟି ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରି  ବିଭିନ୍ନ ପ୍ରକଳ୍ପ ଜନିତ ବିସ୍ଥାପନ ଓ ଥଇଥାନ ବ୍ୟବସ୍ଥାର ତଦାରଖ କରିବା ସହିତ ସମୀକ୍ଷା କରିଛନ୍ତି । ଜୁଲାଇ ୪ ତାରିଖ ଦିନ ହାଉସ୍ କମିଟି ଜିନ୍ଦଲ ଓ ଆର୍ଯ୍ୟା ଷ୍ଟିଲ୍ କମ୍ପାନୀର ଥଇଥାନ କଲୋନୀ ଏବଂ ଜୁଲାଇ ୫ ତାରିଖ ଦିନ ଟାଟା ସ୍ପଞ୍ଜ ଓ ସିରାଜୁଦ୍ଦିନ କମ୍ପାନୀର ବିସ୍ଥାପନ ଓ ଥଇଥାନ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଜୁଲାଇ ୫ ତାରିଖ ଦିନ କ୍ଷେତ୍ର ପରିଦର୍ଶନରୁ ଫେରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ କମିଟି ବିଭିନ୍ନ ଶିଳ୍ପାନୁଷ୍ଠାନ, ଖଣି ଓ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ପରିବାର ଓ ସେମାନଙ୍କର ଥଇଥାନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ହାଉସ କମିଟିର ଅଧ୍ୟକ୍ଷଙ୍କ ସମେତ ସଦସ୍ୟ ତଥା ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, କଂଟାବାଂଜି ବିଧାୟକ ଆୟୁବ୍ ଖାନ, ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ରେଙ୍ଗାଲି ବିଧାୟକ ରମେଶ ପାଟୁଆ ପ୍ରମୁଖ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକରେ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ । ଏହି ସମୀକ୍ଷା ବୈଠକରେ ଉଦ୍‌ବୋଧନ ଦେଇ ଉପବାଚସ୍ପତି ତଥା କମିଟିର ଅଧ୍ୟକ୍ଷ ସାନନ୍ଦ ମାରାଣ୍ଡି କମିଟିର ଗସ୍ତ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ବିଭିନ୍ନ ଖଣି ଖାଦାନ, ଶିଳ୍ପାନୁଷ୍ଠାନ ଓ ଜଳସେଚନ ପ୍ରକଳ୍ପ ଦ୍ୱାରା ଯେଉଁମାନେ ବିସ୍ଥାପିତ ହୁଅନ୍ତି ସେମାନଙ୍କର ଥଇଥାନ ଉପରେ କମିଟି ଗୁରୁତ୍ୱ ଦେଇଥାଏ । ଯେଉଁମାନେ ବିସ୍ଥାପିତ ହୋଇଥାନ୍ତି, ଯେଉଁମାନେ  ପ୍ରକଳ୍ପ ଦ୍ୱାରା ଜମି ହରାଇଥାନ୍ତି ସେମାନଙ୍କର ଥଇଥାନ ବ୍ୟବସ୍ଥା ତଦାରଖ କରିବା ଏବଂ କେନ୍ଦୁଝର ଜିଲ୍ଲାରେ କମ୍ପାନୀ, ଶିଳ୍ପାନୁଷ୍ଠାନମାନେ କେତେ ଲୋକଙ୍କୁ ନିଯୁକ୍ତି ବ୍ୟବସ୍ଥା କରିଛନ୍ତି ଏବଂ ଯେଉଁମାନେ ଜମି ହରାଇଛନ୍ତି ସେମାନଙ୍କର ପୁନଃ ଥଇଥାନ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ତଦାରଖ କରିବା ହେଉଛି କମିଟି ଗସ୍ତର ଉଦ୍ଦେଶ୍ୟ । ପରିଦର୍ଶନ କାଳରେ ହୋଇଥିବା ଉପଲବ୍ଧିରୁ କମ୍ପାନୀମାନଙ୍କର ବିସ୍ଥାପିତ ଲୋକମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା ଓ ସେମାନଙ୍କ ଜୀବିକା ଓ ଜୀବନଧାରଣର ମାନ ଉନ୍ନତ ନୁହେଁ ବୋଲି କହିବା ସହିତ କ୍ଷୋଭ ପ୍ରକାଶ କରିଥିଲେ । କେବଳ ରାସ୍ତା, ପାଣି ବ୍ୟବସ୍ଥା ସହିତ ଉନ୍ନତ ସ୍ୱାସ୍ଥ୍ୟସେବା, ପ୍ରଭାବିତ ଅଂଚଳର ଲୋକଙ୍କ ପାଇଁ ନିଯୁକ୍ତି ଓ ଲୋକମାନଙ୍କର ସୁନ୍ଦର ଜୀବନଯାପନ ପାଇଁ ଶିଳ୍ପାନୁଷ୍ଠାନ/କମ୍ପାନୀମାନଙ୍କର ପ୍ରତିବଦ୍ଧତା ଓ ସକରାତ୍ମକ ମନୋଭାବ ରହିବା ଆବଶ୍ୟକ ବୋଲି କହିବା ସହିତ ସେମାନେ ବିସ୍ଥାପିତ ଲୋକମାନଙ୍କର ଉପଯୁକ୍ତ ଥଇଥାନ ଓ ନିଯୁକ୍ତି ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ସରକାରଙ୍କ ବିସ୍ଥାପନ ଓ ପୁର୍ନ ଥଇଥାନ ନୀତି ଉପରେ ଆଲୋକପାତ କରି କାନପୁର ଜଳସେଚନ ପ୍ରକଳ୍ପର ବିସ୍ଥାପନ ଓ ଥଇଥାନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ ।   ଥଇଥାନ କଲୋନୀରେ ଜମି ପଟ୍ଟା ପାଇଁ ବାକିଥିବା ୩୫୦ଜଣ ବିସ୍ଥାପିତ ପରିବାରକୁ ଜମି ପଟ୍ଟା ପ୍ରଦାନର ବିଳମ୍ବର କାରଣ ପଚାରିବା ସହିତ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ବିକଳ୍ପ ଜମିର ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବାକୁ କାନପୁର ଜଳସେଚନ ପ୍ରକଳ୍ପର ପୁର୍ନବାସ ଓ ଥଇଥାନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାପାଳ ଏ ଦିଗରେ ସମୀକ୍ଷା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଦାୟିତ୍ୱ ଦେଇଥିଲେ । ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାରଙ୍କୁ ଟଙ୍କା ଦେଲେ ସେମାନେ ଏହାର ବଦ୍‌ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେବାର ନଜିର ଥିବାରୁ ସେମାନଙ୍କୁ ଟଙ୍କା ବଦଳରେ ଜମି ନେବା ପାଇଁ ଉତ୍ସାହିତ କରିବାକୁ ସଦସ୍ୟମାନେ ପରାମର୍ଶ ଦେଇଥିଲେ । ଖଣି/ଶିଳ୍ପାନୁଷ୍ଠାନ/କମ୍ପାନୀମାନେ ସେମାନଙ୍କର କାର୍ଯ୍ୟକ୍ରମ ପାଇଁ

ଅନେକ ସଂଖ୍ୟାରେ ଗଛ କାଟୁଥିବାରୁ ତାହା ପରିବେଶ ଉପରେ ଗଭୀର ପ୍ରଭାବ ପକାଉଥିବା ଦୃଷ୍ଟିରୁ ସେମାନେ ପାରିପାର୍ଶ୍ୱିକ ଅଂଚଳରେ ତଥା ଜିଲ୍ଲାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବାକୁ କମିଟି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କମ୍ପାନୀମାନେ କେବଳ ଥଇଥାନ କଲୋନୀର ଭିତିଭୂମିର ବିକାଶ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ନିଯୁକ୍ତି ଦେବାରେ ଅବହେଳା କରୁଥିବାରୁ କମିଟି କ୍ଷୋଭ ପ୍ରକାଶ କରିଥିଲେ । କମ୍ପାନୀମାନଙ୍କର କର୍ମଚାରୀ ସଂଖ୍ୟା ଓ ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ ସମୀକ୍ଷା କରି ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ତାଲିମ ପ୍ରଦାନ ପୂର୍ବକ ସ୍ଥାୟୀ ନିଯୁକ୍ତି ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ  ସମୀକ୍ଷା ବୈଠକମାନଙ୍କରେ ଉକ୍ତ ବିଷୟ ସମ୍ପର୍କରେ ସମୀକ୍ଷା କରି  ଏଦିଗରେ ପଦକ୍ଷେପ ନେବାକୁ କମିଟି ଦାୟିତ୍ୱ ଦେଇଥିଲେ । ରାଜ୍ୟ ସରକାର ବିଭିନ୍ନ ଯୋଜନା ଜରିଆରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରର ସୁବିଧା ଦେଉଥିବାବେଳେ କମ୍ପାନୀମାନେ ପ୍ରଭାବିତ ଅଂଚଳରେ ଲୋକମାନଙ୍କୁ ମୌଳିକ ଆବଶ୍ୟକତା ପ୍ରଦାନ କରିବାରେ ଉଦାସୀନ ମନୋଭାବ ଦେଖାଉଥିବାରୁ କମିଟିର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଏପ୍ରକାରର ଉଦାସୀନତା ମନୋଭାବ ପରିହାର କରି ପ୍ରଭାବିତ ଅଂଚଳ ଓ ଜିଲ୍ଲାର ବିକାଶ ପାଇଁ ସେମାନେ କାର୍ଯ୍ୟ କରିବାକୁ କମିଟି ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ କମିଟି ଦ୍ୱାରା କମ୍ପାନୀମାନଙ୍କର ପୁର୍ନବାସ ଓ ଥଇଥାନ କାର୍ଯ୍ୟକ୍ରମର ସମୀକ୍ଷା କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ମାରାଣ୍ଡି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର